**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**17 November – 2025**

# ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲାସ୍ଥିତ ସର୍କିଟ୍ ହାଉସ୍ ପରିସରରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କ ସମସ୍ୟାକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ପ୍ରତ୍ୟେକ ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ସମାଧାନ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି । କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ମଧ୍ୟ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୧୪ଥର ଜନଶୁଣାଣି ହୋଇଥିବା ବେଳେ ୧୨ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗ ଗ୍ରହଣ କରାଯାଇଛି । ସେଥିମଧ୍ୟରୁ ୯୩ ପ୍ରତିଶତ ମାମଲାର ସମାଧାନ ହୋଇଥିବା ଜଣାପଡ଼ିଛି ।

# ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ବନ୍ଦ ରହିଛି । ପରବର୍ତ୍ତୀ ଜନଅଭିଯୋଗ ଶୁଣାଣି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ସାଧାରଣ ଅଭିଯୋଗ ଏବଂ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି ।

# ମାଓବାଦୀ ଆତ୍ମସମର୍ପଣ

କନ୍ଧମାଳ ଜିଲ୍ଲା ପୁଲିସ୍ ନିକଟରେ ଜଣେ ମାଓବାଦୀ ଦମ୍ପତି ଆତ୍ମସମର୍ପଣ କରିଛନ୍ତି । ଏ ସଂପର୍କରେ ଦକ୍ଷିଣାଞ୍ଚଳ ଆଇ.ଜି. ନୀତିଶେଖର କହିଛନ୍ତି, ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ଛତିଶଗଡ଼ର ସୁକ୍‌ମା ଅଞ୍ଚଳର । ସେମାନେ ଆତ୍ମସମର୍ପଣ କରିବାପରେ ମୁଖ୍ୟସ୍ରୋତରେ ସାମିଲ ହେବା ସହ ବିଭିନ୍ନ ସରକାରୀ ସୁବିଧା ଓ ସହାୟତା ପ୍ରଦାନ କରାଯିବ ବୋଲି ଆଇ.ଜି. କହିଛନ୍ତି ।

**V/O**

---

# ଦର୍ଶନ ବନ୍ଦ

ମାର୍ଗଶୀର କୃଷ୍ଣ ତ୍ରୟୋଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗ ମଣ୍ଡପ ନୀତି ଶେଷ ହେବା ପରେ ଏହି ଗୁପ୍ତନୀତି ହେବାକୁ ଥିବାରୁ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରାୟ ୫ଘଣ୍ଟା ଧରି ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

---

# ସଚେତନତା ରଥ

ଭଦ୍ରକ ଜିଲ୍ଲା ପୋଲିସ୍ ପ୍ରଶାସନ ପକ୍ଷରୁ ବାସୁଦେବପୁର ଟାଉନ୍‌ହଲ୍‌ଠାରେ ସାଇବର ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ବିଧାୟକ ଅଶୋକ ଦାସ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟକ୍ରମରେ

ଯୋଗଦେଇ ଜନସାଧାରଣଙ୍କୁ ସାଇବର ଅପରାଧରୁ ଦୂରେଇ ରହିବା ଲାଗି ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି ।

## ଧାନ ସଂଗ୍ରହ କର୍ମଶାଳା

ମାଲକାନଗିରି ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ କୃଷକ ମୋର୍ଚ୍ଚା ତରଫରୁ ଖରିଫ୍ ଧାନ ସଂଗ୍ରହ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଗତବର୍ଷ ଜିଲ୍ଲାରେ ୩୮ ହଜାର ୮୦୮ ଜଣ ଚାଷୀ ଖରିଫ୍ ଧାନ ବିକ୍ରୟ କରିଥିବା ବେଳେ ଚଳିତବର୍ଷ ୪୮ ହଜାରରୁ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି ।

## ଅପସ୍ମାର ଦିବସ

ଅପସ୍ମାର ବା ଏପିଲେପ୍‌ସି ରୋଗ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଅପସ୍ମାର ଦିବସ ପାଳନ କରାଯାଉଛି । ଅପସ୍ମାର ଏକ ପ୍ରକାର ମସ୍ତିଷ୍କ ରୋଗ । ବିଶେଷଜ୍ଞଙ୍କ ମତରେ ମସ୍ତିଷ୍କର ସ୍ନାୟୁକୋଷର କାର୍ଯ୍ୟଧାରାରେ ବିଘ୍ନ ହେଲେ ଏହି ରୋଗର ଲକ୍ଷଣ ଦେଖାଦେଇଥାଏ । ନିୟମିତ ଚିକିତ୍ସା ଏବଂ ରୋଗୀଙ୍କ ଉପଯୁକ୍ତ ଯତ୍ନ ଅପସ୍ମାର ରୋଗର ଲକ୍ଷଣକୁ ହ୍ରାସ କରିବାରେ ସହାୟକ ହୋଇଥାଏ ।

## ପ୍ରତିଯୋଗିତା

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭୀ'ରେ ମାଲକାନଗିରି ଜିଲ୍ଲାର ଛାତ୍ରଛାତ୍ରୀ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ପୋଷଣ ଚିତ୍ରକଳା ଓ ଆଦର୍ଶ

ଜାତିସଂଘ ଆଦି ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି । ଜିଲ୍ଲାର ସାଂସ୍କୃତିକ ଦଳ ମଧ୍ୟ ସ୍ୱତନ୍ତ୍ର ଜୁରୀ ପୁରସ୍କାର ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ।

# ପ୍ରେସ୍ ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି ।

ପୁରୀ ଜିଲ୍ଲା ନିମାପଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରି ବିକଶିତ ଭାରତ ଲକ୍ଷ୍ୟ ହାସଲ କ୍ଷେତ୍ରରେ ସାମ୍ବାଦିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଛନ୍ତି । ଶ୍ରୀମତୀ ପରିଡ଼ା ସ୍ୱଚ୍ଛ ଏବଂ ନିରପେକ୍ଷ ଖବର ପ୍ରସାରଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ସମ୍ବଲପୁର ଜିଲ୍ଲା ହାଇସ୍କୁଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣମାଧ୍ୟମର ବିଶ୍ୱସନୀୟତାର ସଂରକ୍ଷଣ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା ।

ମାଲକାନଗିରି ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁସ୍ଥ ଗଣତନ୍ତ୍ର ରାଷ୍ଟ୍ର ପାଇଁ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

# ସୁରକ୍ଷା

ବଲାଙ୍ଗୀର ଜିଲ୍ଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ବୁରୋମୁଣ୍ଡାଠାରେ ଚାଲିଥିବା ତୃତୀୟ ଭାରତୀୟ କ୍ରିକେଟ୍ ଚମ୍ପିୟାନ୍‌ସିପ୍ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇ ସଂପୃକ୍ତ ଖେଳପଡ଼ିଆର ବିକାଶ କରାଯିବ ବୋଲି କହିଛନ୍ତି । ବିଜୟୀ କେନ୍ଦ୍ରାପଡ଼ା ଓ ଉପବିଜେତା ତାଳଚେରକୁ ମୁଖ୍ୟ ଅତିଥି ଟ୍ରଫି ଓ ପୁରସ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି ।

# ରଣଜୀ

ଓଡ଼ିଶା-ନାଗାଲାଣ୍ଡ ମଧ୍ୟରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ରିକେଟ୍ ଏଲିଟ୍ ଗ୍ରୁପ୍ ମ୍ୟାଚ୍‌ରେ ଗତକାଲି ଓଡ଼ିଶା ୭ ୱିକେଟ୍ ହରାଇ ୨୪୩ ରନ୍ ସଂଗ୍ରହ କରିଛି । ଓଡ଼ିଶା ପକ୍ଷରୁ ଅନୀଲ ପରିଡ଼ା ୯୮ ରନ୍ ସଂଗ୍ରହ କରି ଅପରାଜିତ ରହିଛନ୍ତି । ଭୁବନେଶ୍ୱରରେ ଚାଲିଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ଓଡ଼ିଶା ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବା ସହ ଶୀତର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଶୀତର ଲହରୀ ଜାରି ରହିବ । ଗତକାଲି ୨୦ଟି ଜିଲ୍ଲାର ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ

ତଳେ ରେକର୍ଡ କରାଯାଇଥିଲା । ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୯ ଦଶମିକ ୮ଡିଗ୍ରୀ ସେଲ୍ସିୟସ୍ ରହିଥିଲା ।

........................................................................................